# ଏନ୍‌୯୬ ନାନୋ ମାସ୍କର ଶୁଭାରମ୍ଭ

ଭୁବନେଶ୍ୱର (ଆ.ପ୍ର) : ଅମ୍ରିତା ବିଶ୍ୱ ବିଦ୍ୟାପୀଠମର ସେଣ୍ଟର ଫର ନାନୋସାଇନ୍‌ସ ଓ ମୋଲେକ୍ୟୁଲାର ମେଡିସିନର ବୈଜ୍ଞାନିକମାନେ ନାନୋ ଟେକ୍‌ନୋଲୋଜି ଆଧାରିତ ଏକ ସ୍ୱତନ୍ତ୍ର ତିନି-ପ୍ଲାଏ ଏନ୍‌୯୬ ନାନୋ ମାସ୍କର ଶୁଭାରମ୍ଭ କରିଛନ୍ତି । ଏହା ମୂଲ୍ୟ ଉପଯୋଗୀ ଓ ପାରମ୍ପରିକ ଏନ୍‌୯୬ ତଥା ସର୍ଜିକାଲ୍ ମାସ୍କ ତୁଳନାରେ ଉନ୍ନତ ଫିଲ୍‌ଟରେସନ ତଥା ନିଶ୍ୱାସ ପ୍ରଶ୍ୱାସ ପାଇଁ ସୁବିଧା ହେବ । ଅମ୍ରିତା ଏନ୯୬ ନାନୋ ମାସ୍କର ମୂଲ୍ୟ ଟ.୨୦୦ ରୁ କମ୍, ଏବଂ ଏହାକୁ ପୁନଃବ୍ୟବହାର ପାଇଁ ୩୦ ଥର ପର୍ଯ୍ୟନ୍ତ ଧୂଆ ଯାଇପାରିବ । ଏହା ଦୀର୍ଘସ୍ଥାୟୀ, ଦୃଢ଼ତା ପାଇଁ ଉପଯୋଗୀ ଓ ଗନ୍ଧମୁକ୍ତ ଏବଂ ଦୀର୍ଘ ସମୟ ପିନ୍ଧିବା ନିମନ୍ତେ ଆରାମଦାୟକ ଅଟେ । ଏହାର କପଡ଼ା ନିଶ୍ୱାସ ପ୍ରଶ୍ୱାସ ନେବା ପାଇଁ ଆରାମଦାୟକ ଓ ଏହା ସହିତ ଏହା କ୍ଷତିକାରକ ମାଇକ୍ରୋବ୍‌ସ ରୁ ୧୦୦% ସୁରକ୍ଷା ପ୍ରଦାନ କରିଥାଏ । ଅନ୍ୟ କୌଣସି ପ୍ରକାର ମାସ୍କରେ ଏପରି ନିଶ୍ୱାସପ୍ରଶ୍ୱାସ ଗ୍ରହଣର ସୁଗମତା (ଲେଭଲ୍ ୨) ସର୍ବାଧିକ ସୁରକ୍ଷା (୯୯.୯%) ପ୍ରାୟତଃ ଉପଲବ୍ଧ ନଥାଏ । ଅମ୍ରିତା ବିଶ୍ୱବିଦ୍ୟାପିଠମ୍ ଏହି ଟେକ୍‌ନୋଲୋଜି ଲାଇସେନ୍‌ସ ଅଧିନରେ ଅଧିକ ଉତ୍ପାଦନ ନିମନ୍ତେ ପ୍ରଦାନ କରୁଛି ଯଦ୍ୱାରା ଏହାର ମୂଲ୍ୟକୁ କମ୍ କରାଯାଇପାରିବ । ଅମ୍ରିତା ଏନ୍‌୯୬ ନାନୋ ମାସ୍କ ରେ ରହିଛି ନାନୋ-ଲେୟାରଯୁକ୍ତ ଫିଲ୍‌ଟର ଯାହାକୁ ଲ୍ୟାବରେ ପରୀକ୍ଷା କରାଯାଇଛି । ଏହା ୯୯.୯% ବ୍ୟାକ୍ଟେରିଆଲ୍ ଓ ଭାଇରସ ଏରୋସୋଲ୍ ଫିଲ୍‌ଟରେସନ ସୁବିଧା ପ୍ରଦାନ କରେ ତଥା ୩ ମାଇକ୍ରନରୁ ଅଧିକ ୯୬% ପାର୍ଟିକିଲ୍ ଫିଲଟରେସନ କରିଥାଏ । ଏହାକୁ ସାଉଥ୍ ଇଣ୍ଡିଆ ଟେକ୍ସଟାଇଲ୍ ରିସର୍ଚ୍ଚ ଆସୋସିଏସନ (ଏସଆଇଟିଆରଏ) ଦ୍ୱାରା ପରୀକ୍ଷା କରାଯାଇଛି । ଏହା ବୟନ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ସହାୟତାପ୍ରାପ୍ତ ଏକ ଅଗ୍ରଣୀ ଲାବୋରାଟୋରି ଅଟେ ଓ ଏହା ମାସ୍କ ତଥା ପିପିଇ ପ୍ରସ୍ତୁତ କରୁଛି । ଏହି ମାସ୍କଟି କିପରି କାର୍ଯ୍ୟ କରେ ତାହାକୁ ଦର୍ଶାଇ, ଡା. ଦିପ୍ତି ମେନନ, ପ୍ରଫେସର-ନାନୋ ସାଇନ୍‌ସ, ସେଣ୍ଟର ଫର୍ ନାନୋ ସାଇନ୍‌ସ ଆଣ୍ଡ ମୋଲେକ୍ୟୁଲାର ମେଡିସିନ୍, ଅମ୍ରିତା ବିଶ୍ୱ ବିଦ୍ୟାପୀଠମ୍ କହିଛନ୍ତି ଯେ, 'ଅମ୍ରିତା ଏନ୍‌୯୬ ନାନୋ ମାସ୍କ ହେଉଛି ଏକ ତିନି ସ୍ତରଯୁକ୍ତ ମାସ୍କ । କପଡ଼ାରେ ପ୍ରସ୍ତୁତ ଏହି ଲେୟାରକୁ ପଲିପ୍ରୋପିଲିନ୍ ଫାଇବରରୁ ପ୍ରସ୍ତୁତ କରାଯାଇଛି ଯାହା ମଧ୍ୟରେ ରହିଛି ନାନୋ-ଫାଇବର ମେମ୍ବ୍ରାନ । ଏହି ମେମ୍ବ୍ରାନର ସ୍ୱତନ୍ତ୍ର ହାଇଡ୍ରୋଫୋବିକ୍ ପ୍ରକୃତି ମାଇକ୍ରୋ-ଡ୍ରପଲେଟ୍ ଓ ଜଳ କଣିକାର ପ୍ରବେଶକୁ ପ୍ରତିହତ କରେ । ଏହଦ୍ୱାରା ନିଶ୍ୱାସ ନେବା ସମୟରେ ଅନ୍ୟ ସଂକ୍ରମିତ ବ୍ୟକ୍ତିଙ୍କ ଠାରୁ ସଂକ୍ରମଣର ସମ୍ଭାବନା କମ୍ ହୋଇଥାଏ । ଏହି ଧୋଇବାଯୋଗ୍ୟ, ଦୀର୍ଘସ୍ଥାୟୀ ଓ ପୁନଃବ୍ୟବହାରଯୋଗ୍ୟ ମାସ୍କ ୯୯.୯% ବ୍ୟାକ୍ଟେରିଆଲ୍ ଓ ଭାଇରସ୍ ଏରୋସୋଲ୍ ଫିଲ୍‌ଟରେସନ ସୁବିଧା ପ୍ରଦାନ କରେ । ଅମ୍ରିତା ଏନ୍‌୯୬ ନାନୋ ମାସ୍କ ଫ୍ଲିପକାର୍ଟରେ ମଧ୍ୟ ଉପଲବ୍ଧ ରହିଛି ।




Odhisha Bhaskar- Bhubaneswar
March 30, 2021